# 12th World Hindi Conference, Nadi, Fiji (February 15-17, 2023)

February 17, 2023

## ଦ୍ୱାଦଶ ବିଶ୍ୱ ହିନ୍ଦୀ ସମ୍ମିଳନୀ ଫିଜିର ନାଦିଠାରେ ଅନୁଷ୍ଠିତ (15-17 ଫେବୃଆରୀ 2023)

**ଫେବୃଆରୀ 17, 2023**

ଦ୍ୱାଦଶ ବିଶ୍ୱ ହିନ୍ଦୀ ସମ୍ମିଳନୀ 15-17 ଫେବୃଆରୀ 2023 ରେ ଫିଜିର ନାଦିଠାରେ ଅନୁଷ୍ଠିତ ହୋଇଯାଇଛି। ଫିଜି ସରକାରଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା।

ଏହି ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଯେଉଁଥିରେ ବୈଦେଶିକ ବ୍ୟାପାର ତଥା ସଂସଦୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ, ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଜୟ କୁମାର ମିଶ୍ର, ସଂସଦର ସଦସ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

ଫିଜି ସରକାରଙ୍କ ତରଫରୁ ଫିଜିର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ରାଟୁ ୱିଲିୟମ୍ କାଟୋନିଭେର; ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ସୀତିଭେନି ରାବୁକା; ତିନି ଜଣ ଉପମୁଖ୍ୟମନ୍ତ୍ରୀ ଯଥା ମାନ୍ୟବର ଶ୍ରୀ ବିମାନ ପ୍ରସାଦ, ମାନ୍ୟବର ଶ୍ରୀ ମନୋଆ କାମିକାମିକା ଏବଂ ମାନ୍ୟବର ଭିଲିୟମ୍ ଗାଭୋକା; ଶିକ୍ଷା ମନ୍ତ୍ରୀ ମାନ୍ୟବର ଶ୍ରୀ ଆସେରୀ ରାଡ୍ରୋଡ୍ରୋ; ବହୁ-ଜାତି ବ୍ୟାପାର ଓ ଚିନି ମନ୍ତ୍ରୀ ମାନ୍ୟବର ଶ୍ରୀ ଚରଣ ଜୀଥ ସିଂହ; ରୋଜଗାର, ଉତ୍ପାଦକତା ଏବଂ ଶିଳ୍ପ ସମ୍ପର୍କ ମନ୍ତ୍ରୀ ମାନ୍ୟବର ଶ୍ରୀ ଅଗ୍ନି ଦେଓ ସିଂହ; ଏବଂ ଅନ୍ୟ ବରିଷ୍ଠ ସରକାରୀ କର୍ମଚାରୀମାନେ ଏହି ସମ୍ମିଳନୀରେ ପ୍ରତିନିଧିତ୍ୱ କରିଥିଲେ।

ରାଷ୍ଟ୍ରପତି ରାଟୁ ୱିଲିୟମ୍ କାଟୋନିଭେର ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ମିଳିତ ଭାବରେ 15 ଫେବୃଆରୀ 2023 ରେ ଏହି ସମ୍ମିଳନୀକୁ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ସମାରୋହରେ ଫିଜି ସରକାର ଏକ ସ୍ମରଣୀୟ ଡାକ ଟିକଟ ଜାରି କରିଥିଲେ। ଏହି ଅବସରରେ ଏକ ବିଶେଷ ସମରିକା ଏବଂ ପାଞ୍ଚୋଟି ପ୍ରକାଶନ ମଧ୍ୟ ପ୍ରକାଶ ପାଇଥିଲା।

ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ଥିଲା "ହିନ୍ଦୀ: ପାରମ୍ପରିକ ଜ୍ଞାନରୁ କୃତ୍ରିମ ବୁଦ୍ଧିମତା" ଏବଂ ଏହାକୁ ଏକ ସାଧାରଣ ଅଧିବେଶନରେ ଆଲୋଚନା କରାଯାଇଥିଲା। ଏହି ବିଷୟବସ୍ତୁ ଅନ୍ତର୍ଗତ ବିଭିନ୍ନ ବିଷୟବସ୍ତୁ ଉପରେ ଦଶଟି ଏକାଡେମିକ୍ ଅଧିବେଶନ ଅନୁଷ୍ଠିତ ହୋଇଥିଲା:

1. ଗିର୍ମିଟିଆ ଦେଶମାନଙ୍କରେ ହିନ୍ଦୀ

2. ଫିଜି ଏବଂ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ହିନ୍ଦୀ

3. ଏକବିଂଶ ଶତାବ୍ଦୀର ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ହିନ୍ଦୀ

4. ହିନ୍ଦୀ ବିଷୟରେ ମିଡିଆ ଏବଂ ବିଶ୍ୱର ଧାରଣା

5. ଭାରତୀୟ ଜ୍ଞାନ ପରମ୍ପରା ଏବଂ ହିନ୍ଦୀର ବୈଶ୍ୱିକ ପ୍ରସଙ୍ଗ

6. ଭାଷାଭିତ୍ତିକ ସମନ୍ୱୟ ଏବଂ ହିନ୍ଦୀ ଅନୁବାଦ

7. ହିନ୍ଦୀ ସିନେମାର ବିଭିନ୍ନ ରୂପ: ବୈଶ୍ୱିକ ଦୃଶ୍ୟପଟ୍ଟ

୮. ବିଶ୍ୱ ବଜାର ଏବଂ ହିନ୍ଦୀ

୨. ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ପ୍ରବାସୀ ହିନ୍ଦୀ ସାହିତ୍ୟ

10. ଭାରତ ଏବଂ ବିଦେଶରେ ହିନ୍ଦୀ ଶିକ୍ଷାଦାନ: ସମସ୍ୟା ଓ ସମାଧାନ

ଏହି ସମ୍ମିଳନୀରେ 31 ରୁ ଅଧିକ ଦେଶରୁ ପ୍ରାୟ 1000 ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ସେଥିମଧ୍ୟରୁ ଭାରତରୁ 500 ଏବଂ ଫିଜିରୁ 300 ଜଣ ଯୋଗ ଦେଇଥିଲେ। ବିଶ୍ୱର ବିଭିନ୍ନ ସ୍ଥାନରୁ ବିଦ୍ୱାନ ଏବଂ ବିଶେଷଜ୍ଞମାନେ ସମ୍ମିଳନୀର ବିଭିନ୍ନ ବିଷୟ ଉପରେ ଗଭୀର ଆଲୋଚନା କରିଥିଲେ। ଏହି ଅବସରରେ ଅନେକ ପୁସ୍ତକ ଓ ପତ୍ରିକା ମଧ୍ୟ ଉନ୍ମୋଚିତ ହୋଇଥିଲା।

ସମ୍ମିଳନୀର ଆୟୋଜକ କମିଟିର ଅଧ୍ୟକ୍ଷ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ ସମାପନ ସମାରୋହରେ ସମ୍ମିଳନୀର ଫଳାଫଳ ବିବରଣୀ ପାଠ କରିଥିଲେ।

ହିନ୍ଦୀର ପ୍ରଚାର ଓ ପ୍ରସାର ପାଇଁ ଭାରତର ମୋଟ 12 ଜଣ ହିନ୍ଦୀ ବିଦ୍ୱାନ ଏବଂ ବିଦେଶର 19 ଜଣ ବିଦ୍ୱାନ ଏବଂ ଭାରତ ତଥା ବିଦେଶର ପ୍ରତ୍ୟେକ 2 ଟି ଅନୁଷ୍ଠାନକୁ ସମ୍ମିଳନୀରେ ସମ୍ମାନିତ କରିବା ନିମନ୍ତେ ଚୟନ କରାଯାଇଥିଲା।  ଏଥିମଧ୍ୟରୁ ପ୍ରତ୍ୟେକ ବର୍ଗରେ ଦୁଇଟି ଅନୁଷ୍ଠାନ ସମେତ ଭାରତ ତଥା ବିଦେଶର ପ୍ରତ୍ୟେକ 13 ଜଣ ହିନ୍ଦୀ ବିଦ୍ୱାନ ବ୍ୟକ୍ତିଗତ ଭାବେ ସମାପନ ସମାରୋହରେ ସମ୍ମାନିତ ହୋଇଥିଲେ। ଯେଉଁ ବିଦ୍ୱାନମାନେ ବ୍ୟକ୍ତିଗତ ଭାବରେ ଏହି ସମ୍ମାନ ଗ୍ରହଣ କରିପାରି ନାହାଁନ୍ତି, ସେମାନଙ୍କୁ ସେମାନଙ୍କ ଦେଶରେ ଭାରତୀୟ ଦୂତାବାସ/ଉଚ୍ଚାୟୁକ୍ତ କିମ୍ବା ଦିଲ୍ଲୀରେ ସମ୍ମାନିତ କରାଯିବ।

ସମାପନ ସମାରୋହର ଅନ୍ୟ ମୁଖ୍ୟ ଆକର୍ଷଣ ମଧ୍ୟରେ ଫିଜି ଉପମୁଖ୍ୟମନ୍ତ୍ରୀ ବିମାନ ପ୍ରସାଦଙ୍କ ଦ୍ୱାରା ହିନ୍ଦୀରେ ଭାଷଣ ଅନ୍ତର୍ଭୁକ୍ତ ଥିଲା। ସେ ଉଲ୍ଲେଖ କରି କହିଥିଲେ ଯେ ଫିଜି ସଂସଦରେ ହିନ୍ଦୀରେ ଭାଷଣ ଦେବାକୁ ଅନୁମତି ଦିଆଯିବା ସହିତ ହିନ୍ଦୀକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉଛି।

ଏହି ସମ୍ମିଳନୀରେ ଦକ୍ଷିଣ ଓ ଉତ୍ତର ପୂର୍ବ ଭାରତର ଅଂଶଗ୍ରହଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ଏବଂ ଏହି ଅଞ୍ଚଳର କିଛି ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା।

ସମ୍ମିଳନୀ ଅବସରରେ ଆଇସିସିଆର ଏବଂ ଫିଜି ସରକାରଙ୍କ ଦ୍ୱାରା ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଫିଜିରେ ଗିର୍ମିଟିଆଙ୍କ କାହାଣୀ ଉପରେ ଏକ ବିଶେଷ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା।

**ନାଦି, ଫିଜି**

**ଫେବୃଆରୀ 17, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.